ଗଜାନନ

ବନାମ

ମହାରାଷ୍ଟ୍ର ରାଜ୍ୟ

ନଭେମ୍ବର 20, 1996

[ଡଃ ଏ.ଏସ୍. ଆନନ୍ଦ ଏବଂ କେ.ଟି ଥୋମାସ, ନ୍ୟାୟମୂର୍ତ୍ତିଦ୍ୱୟ ]

*ଭାରତୀୟ ଦଣ୍ଡ ସଂହିତା, 1860 :*

*ଧାରା 302/34 – ଅପିଲାକାରୀଙ୍କ ସମେତ ଅନ୍ୟଜଣଙ୍କ ଉପରେ ହତ୍ୟା ମକଦ୍ଦମା ଚାଲିଥିଲା – ବିଚାର କରୁଥିବା ନ୍ୟାୟାଳୟ ଏହା ଦର୍ଶାଇ ସେମାନଙ୍କୁ ଦୋଷମୁକ୍ତ କରିଥିଲେ ଯେ, ଚାକ୍ଷୁଷ ସାକ୍ଷୀ ଭାବେ ଦାବି କରୁଥିବା ସାକ୍ଷୀ ପ୍ରକୃତ ଘଟଣା ଦେଖିନଥିଲେ ; ସେମାନଙ୍କର ପରିସାକ୍ଷ୍ୟ ବିଶ୍ୱାସ ସୃଷ୍ଟି କରେ ନାହିଁ ଏବଂ ଡାକ୍ତରୀ ସାକ୍ଷ୍ୟ ସହ ଦ୍ୱନ୍ଦରେ ରହିଛି; ଅଭିଯୋଜନ ଦ୍ୱାରା ତାଙ୍କର ମାମଲାକୁ ସହାୟକ କରିବାକୁ  ଆରୋପିତ ଅଣନ୍ୟାୟିକ ଦୋଷ ସ୍ୱୀକାର ଉପସ୍ଥାପନ କରାଯାଇଥିଲା; ଅଭିଯୋଜନ ଦ୍ୱାରା ପ୍ରସ୍ତାବିତ ପଦ୍ଧତିରେ ସେହି ଘଟଣାଟି ଘଟି ନଥିଲା – ଅପିଲରେ ଉଚ୍ଚ ନ୍ୟାୟାଳୟ ଅପିଲାକାରୀଙ୍କୁ ଧାରା  302 ଅଧୀନରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ସହ ଅପରାଧୀଙ୍କୁ ଦୋଷମୁକ୍ତ କରିଥିଲେ – ଦର୍ଶାଯାଇଛି, ଯେତେବେଳେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ କାରଣଗୁଡ଼ିକ ଭ୍ରଷ୍ଟ କିମ୍ବା ଅଯୌକ୍ତିକ ନଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟ ଦୋଷମୁକ୍ତି ଆଦେଶରେ ହସ୍ତକ୍ଷେପ କରିବା ଉଚିତ ନଥିଲା – ବିଚାର କରୁଥିବା ନ୍ୟାୟାଳୟ ଅପିଲକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ବିଶ୍ୱାସଯୋଗ୍ୟ ଏବଂ ପର୍ଯ୍ୟାପ୍ତ କାରଣ ଦେଇଥିଲେ – ଦୋଷମୁକ୍ତି ଆଦେଶ ଓଲଟାଇବା ସମୟରେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କାରଣଗୁଡ଼ିକୁ ଉଚ୍ଚ ନ୍ୟାୟାଳୟ ଦୂର କରିନଥିଲେ – ଉଚ୍ଚ ନ୍ୟାୟାଳୟଙ୍କ ରାୟ ରଦ୍ଦ କରାଯାଇଛି ।*

*ଦଣ୍ଡ ପ୍ରକ୍ରିୟା ସଂହିତା, 1973 :*

*ଧାରା 378 – ଦୋଷମୁକ୍ତି ବିରୁଦ୍ଧରେ ଅପିଲ – ଦୋଷମୁକ୍ତି ବିରୁଦ୍ଧରେ ଅପିଲ ମାମଲାର ସମାଧାନ କରିବାରେ ନ୍ୟାୟିକ ଆଭିମୁଖ୍ୟ ସାବଧାନତା, ସତର୍କ ଏବଂ ଯତ୍ନଶୀଳ ହେବା ଉଚିତ – ଉଚ୍ଚ ନ୍ୟାୟାଳୟ ଏହି ଅଭିନନ୍ଦନୀୟ ନୀତିଗୁଡ଼ିକୁ ଅଣଦେଖା କରିଛନ୍ତି ଏବଂ ଏକ ଭୁଲ ଆଭିମୁଖ୍ୟ ଗ୍ରହଣ କରି ଦୋଷମୁକ୍ତି ପାଇଁ ଏକ ଉପଯୁକ୍ତ ଆଦେଶରେ ଭୁଲ ଭାବରେ ହସ୍ତକ୍ଷେପ କରିଛନ୍ତି ।*

ଅପରାଧିକ ଅପିଲ ଅଧିକାରିତା : ଅପରାଧିକ ଅପିଲ ସଂଖ୍ୟା 708/1991 ।

ସି ଆର୍ ଏଲ୍ ଏ ସଂଖ୍ୟା 285/1985ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 11.8.89 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଲୋକେଶ କୁମାର ଏବଂ ଆର୍ ଏସ୍ ଶୋଧି ।

ଉତ୍ତରଦାତାଙ୍କ ପାଇଁ ଡି ଏମ୍ ନରଗୋଲକର ଏବଂ ଏସ୍ ଏମ୍ ଯାଦଭ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ରାୟ ପ୍ରଦାନ କରାଯାଇଥିଲା :

ଅପିଲାକରୀଙ୍କ ସମେତ ଦ୍ୟାନଦେଓ ସେପ୍ଟେମ୍ବର 10, 1984 ରେ ଘଟିଥିବା ଏକ ଘଟଣା ସମ୍ପର୍କରେ ବିଜ୍ଞ ଦୌରା ବିଚାରପତି, ବୁଲଧାନାଙ୍କ ଦ୍ୱାରା ଆଇ ପି ସିର ଧାରା 302/34 ଅନୁଯାୟୀ ଏକ ଅପରାଧ ପାଇଁ ବିଚାର କରାଯାଇଥିଲା, ଯେଉଁଥିରେ ସୂର୍ଯ୍ୟଭାନ ତାଙ୍କ ମୁଣ୍ଡରେ ଏକ ଆଘାତ ପାଇବା ପରେ ମୃତ୍ୟୁ ବରଣ କରିଥିଲେ ଯାହା ଫଳରେ ମୁଣ୍ଡ ହାଡ଼ର ଏକାଧିକ ଅସ୍ଥି ଭାଙ୍ଗିଯାଇଥିଲା । ବିଚାର କରୁଥିବା ନ୍ୟାୟାଳୟ ଜାଣିବାକୁ ପାଇଥିଲେ ଯେ, ଗାଙ୍ଗୁବାଇ , ପି ଡବ୍ଲ୍ୟୁ 2 ଏବଂ ଉକଣ୍ଡ, ପି ଡବ୍ଲ୍ୟୁ 3 ଯେଉଁମାନେ ଦାବି କରିଥିଲେ ଯେ ଅପିଲାକାରୀ ମୃତକଙ୍କୁ ଏକ ବଡ଼ ପଥରରେ ଆଘାତ ଦେବା ପରେ ତାଙ୍କୁ ଘୋଷାଡିକି(ଟାଣିକି) ନେବାର ଦେଖିଛନ୍ତି, ବାସ୍ତବରେ ଘଟଣା ଦେଖିନଥିଲେ କିମ୍ବା ତାହାର କୌଣସି ଭାଗ ଦେଖିନଥିଲେ ଏବଂ ତାଙ୍କ ସାକ୍ଷ୍ୟ ବିଶ୍ୱାସ ସୃଷ୍ଟି କରିନଥିଲା । ବିଚାର କରୁଥିବା ନ୍ୟାୟାଳୟ ଡାକ୍ତର କାଶୀନାଥ ମୋତିରାମ, ପି ଡବ୍ଲ୍ୟୁ. 1ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଡାକ୍ତରୀ ସାକ୍ଷ୍ୟକୁ ମଧ୍ୟ ଉଲ୍ଲେଖ କରିଥିଲେ ଏବଂ ପାଇଥିଲେ ଯେ ପି ଡବ୍ଲ୍ୟୁ. 2 ଏବଂ ପି ଡବ୍ଲ୍ୟୁ. 3ଙ୍କ ଦ୍ୱାରା ଦିଆଯାଇଥିବା ବିବରଣୀ ଡାକ୍ତରୀ ମତାମତ ସହିତ ଦ୍ୱନ୍ଦ୍ୱରେ ଥିଲା । ବିଚାର କରୁଥିବା ନ୍ୟାୟାଳୟ ଆହୁରି ମତ ଦେଇଥିଲେ ଯେ ଅଭିଯୋଜନ ମାମଲାକୁ ଦୃଢ଼ କରିବା ପାଇଁ ଅପିଲକାରୀଙ୍କ ଆରୋପିତ ଅଣନ୍ୟାୟିକ ସ୍ୱୀକାରୋକ୍ତି ପତ୍ର- ଇ ଏକ୍ସ ଟି. ପୃ ୨୨ ଉପସ୍ଥାପନ କରିଥିଲେ । ଏହା ଦର୍ଶାଯାଇଥିଲା ଯେ ଅଭିଯୋଜନ ଦ୍ୱାରା ଆରୋପିତ ଉଦ୍ଦେଶ୍ୟ ପ୍ରତିଷ୍ଠିତ ହୋଇନାହିଁ ଏବଂ ଘଟଣାଟି ଅଭିଯୋଜନ ଦ୍ୱାରା ପ୍ରସ୍ତାବିତ ପ୍ରକାର ଏବଂ ସ୍ଥାନରେ ଘଟିନାହିଁ । ଏହି ତଥ୍ୟ ଆଧାରରେ ବିଚାର କରୁଥିବା ନ୍ୟାୟାଳୟ, ଅପିଲକାରୀ ଏବଂ ତାଙ୍କ ସହ-ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ଯେ ପର୍ଯ୍ୟନ୍ତ ଅପିଲକାରୀ ସମ୍ପୃକ୍ତ, ଦୋଷମୁକ୍ତି ବିରୁଦ୍ଧରେ ରାଜ୍ୟ ଦ୍ୱାରା ଏକ ଅପିଲରେ ଉଚ୍ଚ ନ୍ୟାୟାଳୟ ସିଦ୍ଧାନ୍ତକୁ ବଦଳାଇ ଦେଇଥିଲେ ଏବଂ ତାଙ୍କୁ ଆଇ ପି ସି ରା ଧାରା 302 ଅନୁଯାୟୀ ଏକ ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଆଜୀବନ

କାରାଦଣ୍ଡରେ ଦଣ୍ଡିତ କରିଥିଲେ, କିନ୍ତୁ ସହ-ଅଭିଯୁକ୍ତଙ୍କ ଦୋଷମୁକ୍ତିକୁ ବଜାୟ ରଖିଥିଲେ କାରଣ ରାଜ୍ୟ ପାଇଁ ବିଜ୍ଞ ଅଧିବକ୍ତା ତାଙ୍କ ଦୋଷମୁକ୍ତି ବିରୁଦ୍ଧରେ ଅପିଲରେ ଆଗେଇ ନଥିଲେ ।

ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ଏବଂ ନଥିରେ ଥିବା ସାକ୍ଷ୍ୟକୁ ସମୀକ୍ଷାମୂଳକ ଭାବରେ ବିଶ୍ଳେଷଣ କରିଛୁ ।

ଦୋଷମୁକ୍ତି ବିରୁଦ୍ଧରେ ଅପିଲକୁ ଉଚ୍ଚ ନ୍ୟାୟାଳୟ ଯେଉଁଭଳି ଭାବରେ ବିଚାର କରିଛନ୍ତି, ତାହା ବହୁତ କିଛି ଉଦ୍ଦେଶ୍ୟକୁ ବାଞ୍ଛିତ ରଖିଛି । ଉଚ୍ଚ ନ୍ୟାୟାଳୟ, ପି ଡବ୍ଲ୍ୟୁ 2 ଏବଂ ପି ଡବ୍ଲ୍ୟୁ 3 କୁ ଘଟଣାର ପ୍ରତ୍ୟକ୍ଷ ସାକ୍ଷୀ ଭାବରେ ବିବେଚନା କରିଥିଲେ ଏବଂ ମତ ଦେଇଥିଲେ ଯେ ବିଚାର କରୁଥିବା ନ୍ୟାୟାଳୟର ମନ୍ତବ୍ୟ "ଏହି ମାମଲାରେ କୌଣସି ପ୍ରତ୍ୟକ୍ଷ ସାକ୍ଷ୍ୟ ନାହିଁ ବୋଲି ସ୍ପଷ୍ଟ ଭାବରେ ଭୁଲ" । ଉଚ୍ଚ ନ୍ୟାୟାଳୟଙ୍କ ଭାଷାରେ "କେବଳ ଏହି ସାକ୍ଷୀମାନେ *ପଥର ଦ୍ୱାରା ପ୍ରକୃତ ଆକ୍ରମଣ ଦେଖି ନଥିବାରୁ*, ସେମାନଙ୍କର ନିଶ୍ଚିତ ସାକ୍ଷ୍ୟକୁ ପରିତ୍ୟାଗ କରାଯାଇପାରିବ ନାହିଁ"। ଆମେ ଉପରେ ଉଲ୍ଲେଖ କରାଯାଇଥିବା ବିଚାର କରୁଥିବା ନ୍ୟାୟାଳୟର ସମାଲୋଚନାର ଯଥାର୍ଥତା ବୁଝିପାରୁନାହୁଁ । ଯଦି ଉଚ୍ଚ ନ୍ୟାୟାଳୟ ନିଜେ ଜାଣିଛନ୍ତି ଯେ ପି ଡବ୍ଲ୍ୟୁ 2 ଏବଂ ପି ଡବ୍ଲ୍ୟୁ 3 ମୃତକଙ୍କ ଉପରେ ପ୍ରକୃତ ଆକ୍ରମଣ ଦେଖି ନାହାଁନ୍ତି, ତେବେ ସେମାନଙ୍କୁ ଆକ୍ରମଣର ପ୍ରତ୍ୟକ୍ଷ ସାକ୍ଷ୍ୟ ପ୍ରଦାନ କରୁଥିବା ଭାବରେ କିପରି ବିଚାର କରାଯାଇପାରିବ ତାହା ଆଦୌ ବୋଧଗମ୍ୟ ନୁହେଁ । ସେହିପରି, ଚିଠି ଇ ଏକ୍ସ ଟି ପୃ. 22 ଉପରେ ବିଚାର କରିବା ସମୟରେ, ପି ଡବ୍ଲ୍ୟୁ 7 ଏବଂ ଚିଠି ଇ ଏକ୍ସ ଟି ପୃ. 22 ର ଜବତର ସାକ୍ଷ୍ୟକୁ ଅବିଶ୍ୱାସ କରିବା ପାଇଁ, ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ କୌଣସି କାରଣଗୁଡ଼ିକ ବିଚାର ନକରି, ମତ ଦେଇଥିଲେ ଯେ, ସେହି ଚିଠିରେ ଗୋଟିଏ ବାକ୍ୟ ସ୍ୱୀକାରୋକ୍ତି ସହିତ ସମାନ ଏବଂ ଏହା ଉପରେ ଏକ ଅଣନ୍ୟାୟିକ ସ୍ୱୀକାରୋକ୍ତିର ଅଂଶ ଭାବରେ ଭରସା କରିଥିଲେ । ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ ଅଣଦେଖା କରିଥିଲେ ଯେ ନଥିରେ ନାମ ଯୋଗ୍ୟ କୌଣସି ସାକ୍ଷ୍ୟ ନାହିଁ ଯାହା ଦର୍ଶାଇବ ଯେ ଚିଠି ଇ ଏକ୍ସ ଟି ପୃ. 22 ଅପିଲକାରୀଙ୍କ ଦ୍ୱାରା ଲେଖାଯାଇଛି । ସି ଆର ପି ସିର ଧାରା 313 ଅନୁଯାୟୀ ଅପିଲକାରୀ ତାଙ୍କ ବିବୃତିରେ ଚିଠିର ସମ୍ପୃକ୍ତିକୁ ଅସ୍ୱୀକାର କରିଛନ୍ତି । ପି ଡବ୍ଲ୍ୟୁ 7 ଯିଏ ଅପିଲକାରୀଙ୍କଠାରୁ ଚିଠି ପାଇଛନ୍ତି ବୋଲି ଦାବି କରିଥିଲେ, ସେ ଅପିଲକାରୀଙ୍କ ସହିତ ଜଣେ ଶ୍ରମିକ ଭାବରେ କାମ କରୁଥିଲେ ଏବଂ ନିଜ ସ୍ୱୀକାରୋକ୍ତି ଅନୁସାରେ ସେ କେବେ ଅପିଲକାରୀଙ୍କଠାରୁ କୌଣସି ଚିଠି ପାଇ ନଥିଲେ କିମ୍ବା ତାଙ୍କ ହାତଲେଖା ଦେଖିବାର କୌଣସି ସୁଯୋଗ ପାଇ ନଥିଲେ । ତେବେ ପି ଡବ୍ଲ୍ୟୁ 7 ଙ୍କ ସାକ୍ଷ୍ୟକୁ କିପରି ପ୍ରମାଣିତ କରିବା ପାଇଁ ଯଥେଷ୍ଟ ବୋଲି ବିବେଚନା କରାଯାଇପାରିବ ଯେ କେବଳ ଅପିଲକାରୀ ଏବଂ ଅପିଲକାରୀ ହିଁ ଚି ଠି ଇ ଏକ୍ସ ଟି ପୃ. 22

ଲେଖିଥିଲେ ? ଅପିଲକାରୀଙ୍କ ହାତଲେଖା ପ୍ରମାଣ କରିବା ପାଇଁ ଅଭିଯୋଜନ ଅନ୍ୟ କୌଣସି ସାକ୍ଷ୍ୟ ଦେଇ ନଥିଲେ । କୌଣସି ବିଶେଷଜ୍ଞଙ୍କୁ ମଧ୍ୟ ପରୀକ୍ଷା କରି ନଥିଲେ । ଅନ୍ୟଥା, ଚିଠି ଇ ଏକ୍ସ ଟି ପୃ. 22 କୁ ସମ୍ପୂର୍ଣ୍ଣ ଭାବରେ ପଢିବା ପରେ ଆମେ ଅପିଲକାରୀଙ୍କ ଦ୍ୱାରା ଦିଆଯାଇଥିବା କୌଣସି ଅଣ ନ୍ୟାୟିକ ସ୍ୱୀକାରୋକ୍ତି ପାଇପାରୁନାହୁଁ, ଯୁକ୍ତି ପାଇଁ ଧରି ନେଇକି ଯେ ଚିଠିଟି ଅପିଲକାରୀଙ୍କ ଦ୍ୱାରା ଲେଖାଯାଇଥିଲା । ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ ଭୁଲ କରିଥିଲେ ଯେ ଇ ଏକ୍ସ ଟି ପୃ. 22 ଅପିଲକାରୀଙ୍କ ଦ୍ୱାରା ଲେଖାଯାଇଥିଲା କିମ୍ବା ଚିଠିଟି ଏକ ଅଣ ନ୍ୟାୟିକ ସ୍ୱୀକାରୋକ୍ତି ଥିଲା ।

ଉଚ୍ଚ ନ୍ୟାୟାଳୟ ମଧ୍ୟ ଅଭିଯୋଜନ ସାକ୍ଷ୍ୟରେ କିଛି ସ୍ପଷ୍ଟ ଦୁର୍ବଳତାକୁ ଅଣଦେଖା କରିଥିବା ପରି ମନେହୁଏ । ଅଭିଯୋଜନ ଅନୁଯାୟୀ, ଏହି ଘଟଣା ଗୋବିନ୍ଦ ସିନ୍ଦେଙ୍କ କ୍ଷେତରେ ଘଟିଥିଲା । ଅପିଲକାରୀ ଆଘାତ ଦେବା ପରେ ଅଭିଯୋଗ କରାଯାଇଛି ଯେ ସେ ଗୁରୁତର ଆହତ ମୃତକଙ୍କ ଶରୀରକୁ ପ୍ରାୟ 50 ଫୁଟ ଦୂରତା ପର୍ଯ୍ୟନ୍ତ ଘୋଷାଡି(ଟାଣି) ନେଇଥିଲେ ଏବଂ ରବାନୀଙ୍କ କ୍ଷେତରେ ଛାଡି ଦେଇଥିଲେ । ଏହି ସାକ୍ଷ୍ୟକୁ ଆଗେଇ ନେବାର କାରଣ ଖୋଜିବା ଦୂର ନୁହେଁ । ଯେପର୍ଯ୍ୟନ୍ତ ଏହି କାର୍ଯ୍ୟ ଅପିଲକାରୀଙ୍କ ଦ୍ୱାରା କରାଯାଇ ନଥାନ୍ତା, ପି ଡବ୍ଲ୍ୟୁ 2 ଏବଂ ପି ଡବ୍ଲ୍ୟୁ 3 ଯେଉଁମାନେ ପଦଚିହ୍ନ ରାସ୍ତାରେ ଥିବାର ଦାବି କରିଥିଲେ, ସେମାନେ ଟାଣିନେବାର ସାକ୍ଷୀ ହୋଇପାରି ନଥାନ୍ତେ କିମ୍ବା ଅପିଲକାରୀଙ୍କୁ ଚିହ୍ନଟ କରିପାରି ନଥାନ୍ତେ । କେବଳ ନିଜର ଚିହ୍ନଟକୁ ସମର୍ଥ କରିବା ପାଇଁ ଗୋବିନ୍ଦ ସିନ୍ଦେଙ୍କ କ୍ଷେତରୁ ରବାନୀଙ୍କ କ୍ଷେତକୁ ଅପିଲକାରୀଙ୍କ ଦ୍ୱାରା ଶରୀରକୁ ଟାଣି ନେବାର କୌଣସି ଆବଶ୍ୟକତା ନଥିଲା । ଏହା ପ୍ରତୀତ ହେଉଛି ଯେ ମୃତକଙ୍କ ଟଣାଓଟରା କରିବାର କାହାଣୀଟି ଏପରି ଭାବରେ ଭିତରକୁ ଅଣାଯାଇଥିଲା ଯେ ମୃତକଙ୍କ ପତ୍ନୀ ପି ଡବ୍ଲ୍ୟୁ 2, ଅପିଲକାରୀଙ୍କୁ ରବାନୀଙ୍କ କ୍ଷେତରେ ମୃତଦେହ ପକାଇ ଦୌଡ଼ି ପଳାଇବାର ଦେଖିଥିବାର ଦାବି କରିପାରିବେ । ଏହା ସହିତ ଆଉ ଏକ କାହାଣୀ ମଧ୍ୟ ଅଛି ।

ତଦନ୍ତକାରୀ ଅଧିକାରୀ ଅପମୃତ୍ୟୁ ତଦନ୍ତ ବିବୃତିରେ ଟାଣିବାର କାହାଣୀକୁ ସମର୍ଥନ କରିବା ପାଇଁ ତାଙ୍କ ଉତ୍ସାହରେ ଦର୍ଶାଇଥିଲେ ଯେ ମୃତକଙ୍କ ଗୋଡ ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ ଟାଣିବା ଚିହ୍ନ/ଘଷି ହୋଇଥିବା ଇତ୍ୟାଦି ଥିଲା । ପି ଡବ୍ଲ୍ୟୁ 1, ଯିଏ, ଶବ ବ୍ୟବଚ୍ଛେଦ ପରୀକ୍ଷା କରିଥିଲେ, ସ୍ପଷ୍ଟ ଭାବରେ ଅଭିସାକ୍ଷ୍ୟ ଦେଇଥିଲେ ଯେ ମୃତକଙ୍କ ଶରୀରରେ ଏପରି କୌଣସି ଚିହ୍ନ ମିଳିନଥିଲା ଏବଂ ମୁଣ୍ଡରେ ଆଘାତ ବ୍ୟତୀତ, ମୃତକଙ୍କ ଶରୀରରେ ଅନ୍ୟ କୌଣସି ଆଘାତ ମିଳିନଥିଲା । ପି ଡବ୍ଲ୍ୟୁ 1 ସ୍ପଷ୍ଟ ଭାବରେ ଦୃଢୋକ୍ତି କରିଥିଲେ ଯେ ଯଦି ଶରୀରକୁ ଟାଣି ଟାଣି ନିଆଯାଉଥିଲା ଏବଂ ଆବଡ଼ା ଖାବଡ଼ା ପୃଷ୍ଠ ସହିତ ସଂସ୍ପର୍ଶରେ ଅଣାଯାଉଥିଲା

ତେବେ ଏଥିରେ ଘର୍ଷଣ ଜନିତ କ୍ଷତ ପାଇବା ନିଶ୍ଚିତ ଥିଲା କିନ୍ତୁ ମୃତକଙ୍କ ଶରୀରରେ କୌଣସି କ୍ଷତ ମିଳିନଥିଲା । ତଦନ୍ତକାରୀ ଅଧିକାରୀ ଯେଭଳି ଭାବରେ ଇ ଏକ୍ସ ଟି ପୃ. 22 ମାଧ୍ୟମରେ ଟାଣି ନେବାର କାହାଣୀ ଏବଂ ଅଣ ନ୍ୟାୟିକ ସ୍ୱୀକାରୋକ୍ତି ଉପସ୍ଥାପନ କରିବାକୁ ଚେଷ୍ଟା କରିଥିଲେ, ତାହା ଦର୍ଶାଉଛି ଯେ ତଦନ୍ତ ନିରପେକ୍ଷ ନଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏହି ଦିଗକୁ ବିଚାରକୁ ନେବାରେ ବିଫଳ ହୋଇଥିଲେ ।

ବିଚାର କରୁଥିବା ନ୍ୟାୟାଳୟ ଅପିଲକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ବିଶ୍ୱାସଯୋଗ୍ୟ ଏବଂ ପର୍ଯ୍ୟାପ୍ତ କାରଣ ପ୍ରଦାନ କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ କାରଣଗୁଡ଼ିକ ଭ୍ରଷ୍ଟ କିମ୍ବା ଅଯୌକ୍ତିକ ନଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କୁ ଦୋଷମୁକ୍ତି ଆଦେଶରେ ହସ୍ତକ୍ଷେପ କରିବା ଉଚିତ ନଥିଲା ଦୋଷମୁକ୍ତି ଆଦେଶ ଓଲଟାଇବା ସମୟରେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କାରଣଗୁଡ଼ିକୁ ଉଚ୍ଚ ନ୍ୟାୟାଳୟ ଦୂର କରିନଥିଲେ । ଯଦିଓ, ଦୋଷମୁକ୍ତି ବିରୋଧରେ ଏବଂ ଦୋଷସିଦ୍ଧି ବିରୁଦ୍ଧରେ ଅପିଲଗୁଡ଼ିକର ବିଚାର କରିବାରେ ଉଚ୍ଚ ନ୍ୟାୟାଳୟର କ୍ଷମତା ବିଷୟରେ କୌଣସି ପାର୍ଥକ୍ୟ କରାଯାଇ ନାହିଁ ଏବଂ ସମସ୍ତ ସାକ୍ଷ୍ୟ ସମୀକ୍ଷା କରିବା ଏବଂ ସ୍ୱାଧୀନ ନିର୍ଣ୍ଣୟରେ ପହଞ୍ଚିବାର ପୂର୍ଣ୍ଣ କ୍ଷମତା ରହିଛି, ତଥାପି - ଉଚ୍ଚ ନ୍ୟାୟାଳୟକୁ ବିଚାର କରୁଥିବା ନ୍ୟାୟାଳୟର ନିର୍ଣ୍ଣୟରେ ହସ୍ତକ୍ଷେପ କରିବାରେ ବହୁତ ମନ୍ଥର ହେବା ଉଚିତ, ଯେପର୍ଯ୍ୟନ୍ତ ତାହା ଭ୍ରଷ୍ଟ କିମ୍ବା ଅନ୍ୟଥା ଅଯୌକ୍ତିକ ନୁହେଁ । ଦୋଷମୁକ୍ତି ବିରୋଧରେ ଅପିଲ ମାମଲାର ବିଚାର କରିବାରେ ନ୍ୟାୟିକ ଆଭିମୁଖ୍ୟ ସାବଧାନତା, ସତର୍କ ଏବଂ ଯତ୍ନଶୀଳ ରହିବା ଆବଶ୍ୟକ । ଦୁର୍ଭାଗ୍ୟବଶତଃ, ଉଚ୍ଚ ନ୍ୟାୟାଳୟ ଏହି ଅଭିନନ୍ଦନୟୀ ନୀତିଗୁଡ଼ିକୁ ଅଣଦେଖା କରି ଏକ ଭୁଲ ଆଭିମୁଖ୍ୟ ଗ୍ରହଣ କରି ଦୋଷମୁକ୍ତି ଆଦେଶରେ ହସ୍ତକ୍ଷେପ କରିଥିଲେ । ଆଇ ପି ସିର ଧାରା 302 ଅନୁଯାୟୀ ଅପରାଧ ପାଇଁ ଅପିଲକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ଏବଂ ଦଣ୍ଡିତ କରିବା ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟଙ୍କ ଆଜୀବନ କାରାଦଣ୍ଡ ଆଦେଶ ବଜାୟ ରଖାଯାଇପାରିବ ନାହିଁ ।

ତେଣୁ, ଆମେ ଏହି ଅପିଲକୁ ଗ୍ରହଣ କରୁଛୁ ଏବଂ 1 ଅଗଷ୍ଟ, 1989 ତାରିଖର ଉଚ୍ଚ ନ୍ୟାୟାଳୟର ରାୟକୁ ବାତିଲ କରୁଛୁ ଏବଂ ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ନଥିଭୁକ୍ତ କରାଯାଇଥିବା ଅପିଲକାରୀଙ୍କ ଦୋଷମୁକ୍ତିକୁ ବଜାୟ ରଖୁଛୁ । ଯଦି ଅପିଲକାରୀ ଜେଲରେ ଅଛନ୍ତି, ତେବେ ଅନ୍ୟ କୌଣସି ମାମଲାରେ ଆବଶ୍ୟକ ନହେଲେ ତାଙ୍କୁ ତୁରନ୍ତ ହାଜତରୁ ମୁକ୍ତ କରାଯିବ ।

ଆର୍.ପି ଅପିଲକୁ ଅନୁମତି ଦିଆଯାଇଛି

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**

**ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**